# Akashvani, Sambalpur

## SAMBALPURI NEWS BULLETIN

### 5 September 2025 - 6.47- 6.52 am.

*****************************************************

ଗୁରୁଦିବସ-ପ୍ରଧାନ୍‌ମନ୍ତ୍ରୀ ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀ ଠାନେ ଗଲାକାଏଲ୍ ରାଷ୍ଟ୍ରୀୟ ପୁରସ୍କାର୍ ପାଇଥିବା ଶିକ୍ଷକ୍‌ମାନ୍‌କୁ ଉଦ୍‌ବୋଧନ୍ ଦେଇକରି ଶିକ୍ଷକ୍‌ମାନେ ଦେଶର୍ ଭବିଷ୍ୟତ୍ ପିଢ଼ିକେ ଗଢ଼୍‌ସନ୍ ବଲି କହିଛନ୍ । ପ୍ରଧାନ୍‌ମନ୍ତ୍ରୀ କହିଛନ୍, ମା' ଜନମ୍ ଦେସି- ମାତର୍‌କ ଗୁରୁମାନେ ଜୀବନ୍ ଦେସନ୍ । ଭାରତ୍ ନ ଗୁରୁମାନ୍‌କୁ ଖାଲି ଜ୍ଞାନ ଦାତା ଭାବେ ଦେଖା ନାଇଁ ଯାଏ, ଜୀବନ୍‌ର ମାର୍ଗଦର୍ଶକ୍ ଭାବେ ଭିଲ୍ ଗ୍ରହଣ୍ କରାଯାଏସି ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ରାଷ୍ଟ୍ରପତି-ମୁଖ୍ୟମନ୍ତ୍ରୀ ସାକ୍ଷାତ୍ ମୁଖ୍ୟମନ୍ତ୍ରୀ ଏକ୍ସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଗଲାକାଏଲ୍ ନୂଆଦିଲ୍ଲୀ ଠାନେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭେଟିଛନ୍ । ଇ ଅବ୍‌ସରେ ଶ୍ରୀ ମାଝୀ ଓଡ଼ିଶାର୍ ବିକାଶ୍ ଯୋଜ୍‌ନା ଆଉ ସମୃଦ୍ଧ ଓଡ଼ିଶା ଗଠନ୍ ଦିଗେ ରାଜ୍ୟ

ସର୍କାର୍ଙ୍କର୍ ଦୃଷ୍ଟିକୋଣ ବାବ୍ଦେ ରାଷ୍ଟ୍ରପତିଙ୍କୁ ଜନେଇଛନ୍ । ଇତାର୍‌ସହେତେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କେନ୍ଦ୍ର ସୂଚନା ଆଉ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭିଲ୍ ଭେଟିକରି ରାଜ୍ୟ ରେଲ୍ ଭିତିଭୂମିର୍ ବିକାଶ୍, ସେମିକଣ୍ଡକ୍ଟର୍ ଆଉ ଆଇଟି କ୍ଷେତ୍ରର୍ ପ୍ରସାର୍ ବାଗିର୍ ବିଷେଥି ଆଲୋଚନା କରିଛନ୍ ।

ଗୁରୁଦିବସ            ଆର୍‌ଏନ୍‌ୟୁ ସମ୍ବଲପୁର୍/ I&PR

ଆଏଜ୍ ପବିତ୍ର ଗୁରୁଦିବସ୍ । ଦେଶର୍ ୨ ନମ୍ବର୍ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କର୍ ଜନମ୍‌ଦିନକେ ଗୁରୁଦିବସ୍ ଭାବେ ପାଲନ୍ କରାଯାଏସି । ଡକ୍ଟର୍ ରାଧାକ୍ରଷ୍ଣନ୍ ଝନେ ଶିକ୍ଷକ୍, ଶିକ୍ଷାବିତ୍, ଦାର୍ଶନିକ୍ ଆର୍ କୁଟନୀତିଜ୍ଞ ଥିଲେ । ଶିକ୍ଷା ଲାଗି ଥିବା ତାଙ୍କର୍ ଅବଦାନ୍‌କେ ମନେ ରଖିବାର୍ ଲାଗି ୧୯୬୨ ମସିହାନୁ ଆଝିର୍ ଦିନ୍‌କେ ଗୁରୁଦିବସ୍ ଭାବେ ପାଲନ୍ କରାଯାଉଛେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁ ଦିବସ୍‌କେ ନେଇକରି ଗଲାକାଏଲ୍ ଶିକ୍ଷକ୍‌ମାନ୍‌କୁ ଶୁଭେଚ୍ଛା ଜନେଇକରି ଶିକ୍ଷକ୍‌ମାନେ ସମାଜ୍‌ର ଆଲୋକବର୍ତ୍ତିତା ଆଉ ଦେଶର୍ ଭବିଷ୍ୟତ୍ ଗଢ଼୍‌ବାର୍ ବିନ୍ଧାଣୀ ଆନ୍ ବଲି କହିଛନ୍ । ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ନ ଗୁଟେ ସମାରୋହଥି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଶିକ୍ଷା କ୍ଷେତ୍ରଥି ଉଲ୍ଲେଖନୀୟ ଅବଦାନ୍ ଲାଗି ଶିକ୍ଷକମାନ୍‌କୁ ଜାତୀୟ ଶିକ୍ଷକ୍ ପୁରସ୍କାର୍ ଦେବେ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ଅବ୍‌ସରେ ଗୁଟେ ବାର୍ତାଥି କହିଛନ୍ ଯେ, ବିଦ୍ୟାର୍ଥୀମାନ୍‌କର୍ ଭିତ୍‌ରେ ଥିବା ପ୍ରତିଭାର୍ ବିକାଶ୍ ଶିକ୍ଷକ୍‌ମାନ୍‌କର୍ ଆଏ । ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ୍ ଶିକ୍ଷା ଦେବାର୍ ସହେତେ ସେମାନ୍‌କର୍ ଲାଗି ଶିକ୍ଷାର୍ ପରିବେଶ୍ ବନେଇପାର୍‌ଲେ, ସେଟାହିଁ ଝନେ ଶିକ୍ଷକଙ୍କର୍ ପ୍ରକୃତ ସାର୍ଥକତା ଆଏ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଇ ଅବ୍‌ସରେ ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ର ସମ୍ମିଲନୀ କକ୍ଷ ନ ରାଜ୍ୟସ୍ତରୀୟ ଗୁରୁଦିବସ୍ ଉତ୍ସବ୍ ଆର୍ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର୍ ସମାରୋହ ହେବା । ଇଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ଇଥି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଉ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ରାଜ୍ୟପାଲ୍ ସମୀକ୍ଷା I&PR

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଗଲାକାଏଲ୍ ରାଜ୍‌ଭବନ୍ ଠାନେ ଜାତୀୟ ରାଜପଥ ପ୍ରାଧିକରଣ୍, ଜାତୀୟ ରାଜପଥ, ବିମାନ୍ ବନ୍ଦର୍ ଆର୍ ରେଲ୍‌ବାଇର୍ ଭିନ୍ ଭିନ୍ ପ୍ରକଳ୍ପ କାମ୍ ମାନ୍‌କର୍ ସମୀକ୍ଷା କରିଛନ୍ । ପ୍ରକଳ୍ପ କାମ୍ ମାନ୍‌କୁ ସମିଆ ଅନ୍‌ସାରେ ସାର୍‌ବାର୍ ଲାଗି

ଭିନ୍ ଭିନ୍ ବିଭାଗ୍ ଭିତ୍‌ରେ ତାଲ୍‌ମେଲ୍ ରଖ୍‌ବାର୍‌କେ ଇ ଅବ୍‌ସରେ ରାଜ୍ୟପାଲ୍ ପରାମର୍ଶ ଦେଇଛନ୍ ।

ମହମ୍ମଦ୍ ଜୟନ୍ତୀ ଆର୍‌ଏନ୍‌ୟୁ ସମ୍ବଲପୁର୍

ଇସ୍‌ଲାମ୍ ଧର୍ମର୍ ପ୍ରବର୍ତକ୍ ପୈଗମ୍ବର୍ ହଜ୍‌ରତ୍ ମହମ୍ମଦ୍‌ଙ୍କର୍ ଆଏଜ୍ ହେଉଛେ ଜନମ୍‌ଦିନ୍ । ଇସ୍‌ଲାମ୍ ଧର୍ମାବଲମ୍ବୀମାନ୍‌କର୍ ଲାଗି ଆଝିର୍ ଦିନ୍‌ଟା ଖୋବ୍ ପବିତ୍ର । ସେମାନେ ଆଏଜ୍ ଇଦ୍-ଏ-ମିଲାଦୁନ୍‌ନବୀ ପାଲନ୍ କରୁଛନ୍ । ଇ ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶର୍ ନାଗରିକ୍‌ମାନ୍‌କୁ ଖାସ୍ କରି ମୁସଲ୍‌ମାନ୍ ସମ୍ପ୍ରଦାୟର୍ ସମ୍‌କୁ ଶୁଭେଚ୍ଛା ଜନେଇଛନ୍ ।

ଜିଏସ୍‌ଟି ପ୍ରତିକ୍ରିୟା ସମ୍ବଲପୁର ସମ୍ବାଦଦାତା

ଆଏବା ପିଢ଼ିର୍ ଜିଏସ୍‌ଟି ସଂସ୍କାରଥି ଲୁକ୍‌କର୍ ସ୍ୱାର୍ଥକେ ନଜର୍‌ଥି ରଖିକରି ବହୁତ୍‌ଟେ ଅତି ଜରୁରୀ ଦରବ୍ ମାନ୍‌କର୍ ଉପ୍‌ରୁ ଜିଏସ୍‌ଟି ପୁରାପୁରି ଛାଡ୍ କରାଯାଇଛେ । ଜିଏସ୍‌ଟି ପରିଷଦ୍ ବୈଠକ୍‌ର ଇ ନିଷ୍ପତିକେ ସବୁ ମହଲ୍‌ନୁ ସ୍ୱାଗତ୍ କରାଯାଇଛେ । ଜିଏସ୍‌ଟି ସଂସ୍କାର୍

ଉପ୍‌ରେ ପ୍ରତିକ୍ରିୟା ଦେଇକରି ସମ୍ବଲପୁର୍‌ର ଅର୍ଥନୀତି ବିଶେଷଜ୍ଞ ପ୍ରଦୀପ ଲାଠ ଆକାଶବାଣୀକେ କହିଛନ୍...
(ଭଏସ୍ ଓଭର୍- ପ୍ରଦୀପ୍ ଲାଠ୍)

ପୁଷ୍ଟିଶସ୍ୟ ସଚେତନତା ରଥ ଝାର୍‌ସୁଗୁଡ଼ା ସମ୍ବାଦଦାତା

ଝାର୍‌ସୁଗୁଡ଼ା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କର୍ କାର୍ଯ୍ୟାଳୟ ନ ଗଲାକାଏଲ୍ ଶ୍ରୀଅନ୍ନ ଅଭିଯାନ୍‌ଥି ପୁଷ୍ଟିଶସ୍ୟ ସଚେତନତା ରଥର ଶୁଭାରମ୍ଭ କରାଯାଇଛେ । ରଥକେ ଅତିରିକ୍ତ ଜିଲ୍ଲାପାଲ୍ କିଶୋର୍ ଚନ୍ଦ୍ର ସ୍ୱାଇଁ ପତାକା ଦେଖେଇକରି ଶୁଭାରମ୍ଭ କରିଛନ୍ । ଇ ରଥ ଜିଲ୍ଲାର୍ ୫ ଟା ବ୍ଲକ୍ ନ ୪ ଦିନ୍ ଧରିକରି ମାଣ୍ଡିଆ, କୁଦୋ, ଗୁର୍ଜି, ବାଜ୍‌ରା ବାଗିର୍ ଛୋଟ ଶସ୍ୟ ଉପକାରୀ ଗୁଣ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବା ।

ସୁତା ରଙ୍ଗ ତାଲିମ୍ ଶିବିର ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ବ୍ଲକ୍ କନକପୁରା ଗାଁ ନ ଦକ୍ଷତା ବୃଦ୍ଧି ତାଲିମ୍ କାର୍ଯ୍ୟକ୍ରମ୍‌ଥି ସୁତା ରଙ୍ଗ ତାଲିମ୍ ଶିବିର୍ ଉଦ୍‌ଘାଟିତ୍ ହେଇଯାଇଛେ । ରାଜ୍ୟ ସର୍‌କାର୍‌ଙ୍କର୍ ହସ୍ତତନ୍ତ ବିକାଶ୍ ଯୋଜ୍‌ନାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ବରିଷ୍ଠ ବୁଣାକାର୍ ଯୋଗୀନ୍ଦ୍ର ମେହେର୍ ଅଧ୍ୟକ୍ଷତା କରିଥିଲେ । ବୌଦ୍ଧ ସହକାରୀ ବୟନ

ଶିଳ୍ପ ନିର୍ଦ୍ଦେଶକ୍ ସୁଶାନ୍ତ କୁମାର୍ ନାୟକ୍ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିକରି ବୁନ୍‌ବାର୍ କାମ୍‌ଥି ପକ୍କା ରଙ୍ଗ୍ ବେଭାର୍ କର୍‌ବାର୍‌କେ ହେଲେ ଦକ୍ଷତା ବୃଦ୍ଧି ଜରୁରୀ ଆଏ ବଲି କହିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍ ବଲେ ରାଏଜେ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ୨୦ ଜିଲ୍ଲାନ ଘଡ଼୍‌ଘଡ଼ି ସହେତେ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର ନୁ ୧୬ଟା ଗେଟ୍ ଦେଇକରି ଆଏଜ୍ ସଖାଲର୍ ୬ ବଜେତକ୍ ଫିଁ’ ସକେଣ୍ଡ୍‌ଥି ୨ ଲାଖ୍ ୯୪ ହଜାର୍ ୨ ଶହ ୩୫ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ । ଇ ସମିଆଥି ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର ୬ ଶହ ୨୬ ଦଶମିକ୍ ୫/୨ ଫୁଟ୍ ରହିଛେ । ଜଲ୍‌ଭଣ୍ଡାର୍‌ନୁ ବଏଢ଼୍ ପାଏନ୍ ଛଡ଼ାଯିବାର୍ ଉତ୍‌ରୁ ମହାନଦୀର୍ ତଲି ଇଲାକା ନ ବନ୍ୟା ଆଶଙ୍କା ଦେଖାଦେଇଛେ । ନଏଦ୍ ଖଁଡ଼ି ଇଲାକାର୍ ଲୁକ୍‌କୁ ସତର୍କ କର୍‌ବାର୍‌କେ ହୀରାକୁଦ୍ ଡେମ୍ କର୍ତୃପକ୍ଷଙ୍କର୍ ତର୍‌ଫୁ ମହାନଦୀ ଖଁଡ଼ି ଜିଲ୍ଲା ମାନ୍‌କୁ ସତର୍କ କରାଯାଇଛେ ।